# କରୋନା ସଂକ୍ରମଣ ସମ୍ପର୍କରେ ଜିଲ୍ଲା ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କଲେ ବିଧାନ ସଭା ଉପ-ବାଚସ୍ପତି ।

ଅନୁଗୋଳ ୨୫.୦୪ :- କରୋନା ଭଳି ଦୁର୍ବିପାକର ସଠିକ୍ ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଗତକାଲି ଅପରାହ୍ନରେ ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭାର ଉପ-ବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ ସର୍କିଟ ହାଉସ୍ ଠାରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇ ବିଭିନ୍ନ କାର୍ଯ୍ୟକ୍ରମର ସଠିକ୍ କାର୍ଯ୍ୟକାରିତାକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି, ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ ଓ ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ବିନୋଦ ଚନ୍ଦ୍ର ଷଣ୍ଢ ପ୍ରମୁଖ ଯୋଗ ଦେଇଥିଲେ । ଏକ ପ୍ରାକ୍-ଆକଳନ ଅନୁଯାୟୀ ଓଡିଶା ବାହାରେ ଥିବା ପ୍ରାୟ ୧୫ ହଜାରରୁ ୧୭ ହଜାର ଓଡିଆ ଅନୁଗୋଳ ଜିଲ୍ଲାକୁ ଆସିବାର ସମ୍ଭାବନା ରହିଛି । ଆସନ୍ତା ମାସ ୩ ତାରିଖରେ ତାଲା ବନ୍ଦ ଉଠିଯିବାର ସମ୍ଭାବନା ଥିବାରୁ ଏହି ଓଡିଆମାନେ ଜିଲ୍ଲା ମଧ୍ୟକୁ ପ୍ରବେଶ କରିବେ । ସମସ୍ତଙ୍କ ପାଇଁ ପଞ୍ଜିକରଣ ବାଧ୍ୟତାମୂଳକ କରିବା ସହ ଆସନ୍ତା ମାସ ୩ ରୁ ୫ ତାରିଖ ସୁଦ୍ଧା ସମସ୍ତ ପ୍ରକାର ଆନୁସଂଗୀକ ବ୍ୟବସ୍ଥା ସାରିବାକୁ ସେ ପରାମର୍ଶ ଦେଇଛନ୍ତି । ସମସ୍ତ ପଞ୍ଚାୟତ ଗୁଡିକରେ ଥିବା ଅସ୍ଥାୟୀ ମେଡିକାଲ କ୍ୟାମ୍ପଗୁଡିକରେ ଆବଶ୍ୟକୀୟ ଆନୁସଂଗୀକ ବ୍ୟବସ୍ଥା କରିବା ସହ ଏହାକୁ ତଦାରଖ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିୟୋଜିତ କରିବାକୁ ସେ ପରାମର୍ଶ ଦେଇଛନ୍ତି । ବାହାର ରାଜ୍ୟରୁ ଆସୁଥିବା ଓଡିଆମାନଙ୍କର ସଠିକ୍ ତଥ୍ୟ ସଂଗ୍ରହ କରି ସେମାନଙ୍କୁ ନିଜ ନିଜ ପଞ୍ଚାୟତରେ ସଂଗରୋଧରେ ରହିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ସେ ଉପସ୍ଥିତ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୨୯ ତା.୨୫.୪.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

25/4/20

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।




REDMI NOTE 6 PRO
MI DUAL CAMERA